Chapter- 2

# ଉଦ୍‌ବୋଧନ

QUESTION BANK

**୧. ସଂକ୍ଷିପ୍ତ ପ୍ରଶ୍ନାବଳୀ**

(କ) 'ଉଦ୍‌ବୋଧନ' କବିତାରେ ମହୁମାଛି ବିଷୟରେ କବି ଲେଖିଛନ୍ତି କାହିଁକି ?

(ଖ) ମଣିଷର ଉନ୍ନତି ସହିତ ଭାଷାର କି ସଂପର୍କ ରହିଅଛି ?

(ଗ) ଭାଷାର ଉନ୍ନତି ନହେଲେ ଆମର କି କି ଅସୁବିଧା ହେବ ?

(ଘ) ହୃଦୟରେ ଉଚ୍ଚ ଅଭିଳାଷ ପୋଷଣ କରିବା କାହିଁକି ଦରକାର ?

(ଙ) ପ୍ରତିବେଶୀଙ୍କ ସହିତ ନିଜକୁ ତୁଳନା କରିବା ପାଇଁ କବି କାହିଁକି କହିଛନ୍ତି ?

(ଚ) ଜାତିର ଉନ୍ନତି ହାସଲ କରିବା ନିମନ୍ତେ କବି କି କି ପରାମର୍ଶ ଦେଇଛନ୍ତି ?

**୨. ସପ୍ରସଙ୍ଗ ସରଳାର୍ଥ ।**

(କ) ସୁପ୍ତ ସିଂହ ମୁଖେ ନ ପଶେ ଆହାର,

ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

(ଖ) ଉଚ୍ଚ ହେବା ପାଇଁ କର ଯେବେ ଆଶା,

ଉଚ୍ଚ କର ଆଗେ ନିଜ ମାତୃଭାଷା ।

(ଗ) ଶୁଭ କର୍ମ ପଥେ ହୁଅ ଅଗ୍ରସର

ଚକ୍ଷୁ ମଳିବାକୁ ନାହିଁ ଅବସର ।

**୩. ବସ୍ତୁନିଷ୍ଠ ପ୍ରଶ୍ନାବଳୀ ।**

(କ) 'ଉଦ୍‌ବୋଧନ' କବିତାଟି କେଉଁ କବିତା ପୁସ୍ତକରୁ ଆନୀତ ?

(i)ତପସ୍ୱିନୀ (ii)ଇନ୍ଦୁମତୀ (iii)ଅର୍ଘ୍ୟଥାଳୀ (iv)କୀଚକ ବଧ

ODM EDUCATIONAL GROUP Changing your Tomorrow

(ଖ) 'ଉଦ୍‌ବୋଧନ' କବିତାର କବିଙ୍କୁ କେଉଁ କବି ବୋଲି କୁହାଯାଏ ?

(i)କବିବର (ii)ବ୍ୟାସ କବି (iii)ପଲ୍ଲୀ କବି (iv)ସ୍ୱଭାବ କବି

(ଗ) କେଉଁ ଭାଷା ବିନା କୌଶଳଜନକ ଜ୍ଞାନ ଜନ୍ମ ହୋଇପାରେ ନାହିଁ ?

(i)ଜ୍ଞାନଭାଷା (ii)ମୁଖଭାଷା (iii)ଉଚ୍ଚାରିତ ଭାଷା (iv)ବ୍ୟକ୍ତ ଭାଷା

(ଘ) ସୂର୍ଯ୍ୟଙ୍କ କିରଣରେ ଯେଉଁମାନେ ଉତ୍‌ଫୁଲ୍ଲିତ ହୁଅନ୍ତି ?

(i)ଉତ୍କଳବାସୀ (ii)ବିହଙ୍ଗମଦଳ (iii)ପୃଥିବୀବାସୀ (iv)ଗାଆଁଲୋକ

(ଙ) 'ପ୍ରତିବେଶୀ' ଶବ୍ଦର ଅର୍ଥ କ'ଣ ?

(i)ଭାଇ (ii)ଦାଦା (iii)ପଡୋଶୀ (iv)ଗ୍ରାମବାସୀ

**୪. ବିପରୀତ ଶବ୍ଦ :**

ସୁପ୍ତ

କ୍ଷମ

ଉଚ୍ଚ

ସମ୍ମାନ

ସମାନ

ଜ୍ଞାନ

ODM EDUCATIONAL GROUP Changing your Tomorrow

**୫. ଗଦ୍ୟ ରୂପ :**

ନିଉନ

ମଉନ

**୬. ପ୍ରତିଶବ୍ଦ :**

ରବି –

କମଳ -

ବନ -

ବୃକ୍ଷ –

ଗଜ –

ନର –

ମହୁମାଛି –

ସିଂହ–

ODM EDUCATIONAL GROUP Changing your Tomorrow

**୭. ସଂକ୍ଷିପ୍ତ ଉତ୍ତରମୂଳକ:**

(କ) 'ଉଦ୍‌ବୋଧନ' କବିତାଟି କେଉଁମାନଙ୍କୁ ଲକ୍ଷ୍ୟ କରି ଲେଖାଯାଇଛି ?

(ଖ) ସକାଳ ହେଲେ ପକ୍ଷୀମାନ ବସାରୁ ବାହାରି ଦୂରକୁ ଉଡ଼ିଯାଆନ୍ତି କାହିଁକି ?

(ଗ) 'ଉଦ୍‌ବୋଧନ' କବିତାରେ ମହୁମାଛି ବିଷୟରେ କବି ଲେଖିଛନ୍ତି କାହିଁକି ?

(ଘ) ପିମ୍ପୁଡ଼ିଠାରୁ ଆମର କ'ଣ ଶିଖିବାର ଅଛି ?

(ଙ) ଶୋଇ ରହିଥିମା ସିଂହ କି ପ୍ରକାର ଅସୁବିଧା ଭୋଗେ ?

(ଚ) ପକ୍ଷୀ, ମହୁମାଛି, ପିମ୍ପୁଡ଼ି ଓ ସିଂହ ବିଷୟରେ କହିବା ମୂଳରେ କବିଙ୍କର କି ଉଦ୍ଦଶ୍ୟ ରହିଛି ?

(ଛ) ନିଜଠାରୁ ଅଧିକ ବଳଶାଳୀ ଜନ୍ତୁମାନଙ୍କୁ ମଣିଷ ଆୟତ କରିପାରିଛି କିପରି ?

(ଜ) ମଣିଷର ଉନ୍ନତି ସହିତ ଭାଷର କି ସଂପର୍କ ରହିଛି ?

(ଝ) ଭାଷାର ଉନ୍ନତି ନ ହେଲେ ଆମର କି କି ଅସୁବିଧା ହେବ ?

(ଞ) କବିଙ୍କ ବିଚାରରେ ଅଧମ କିଏ ?

(ଟ) ମାନ ଓ ଅପମାନ ମଧ୍ୟରେ ପାର୍ଥକ୍ୟ ବୁଝୁ ନ ଥିବା ଲୋକ ପଶୁସହିତ ସମାନ ବୋଲି କବି କାହିଁକି ଭାବିଛନ୍ତି ?

(ଠ) ଜାତିର ଉନ୍ନତି ହାସଲ କରିବା ନିମନ୍ତେ କବି କି କି ପରାମର୍ଶ ଦେଇଛନ୍ତି ?

(ଡ) ହୃଦୟରେ ଉଚ୍ଚ ଅଭିଳାଷ ପୋଷଣ କରିବା କାହିଁକି ଦରକାର ?

(ଢ) କେଉଁ କେଉଁ ଭାଷାଭାଷୀ ଲୋକେ ଓଡ଼ିଶାର ପ୍ରତିବେଶୀ ?

(ଣ) ପ୍ରତିବେଶୀଙ୍କ ସହିତ ନିଜକୁ ତୁଳନା କରିବା ପାଇଁ କବି କାହିଁକି କହିଛନ୍ତି ?

(ତ) 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?' – କେଉଁମାନଙ୍କୁ ଲକ୍ଷ୍ୟ କରି ଏହା କୁହାଯାଇଛି ?

(ଥ) କବି ଏପରି କହିବାର କାରଣ କ'ଣ ?

(ଦ) କବି ଏପରି କହିବାର କାରଣ କ'ଣ ?

ODM EDUCATIONAL GROUP Changing your Tomorrow

୮. **ସପ୍ରସଙ୍ଗ ସରଳାର୍ଥ ଲେଖ :-**

(କ) ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଲିକା ପୂରାଏ ଭଣ୍ଡାର ।

(ଖ) ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।

(ଗ) ପ୍ରତିବେଶୀଙ୍କର ସହିତ ତୁଳନା,
କରି କର ନିଜ ମଧ୍ୟରେ କଳନା ।

(ଘ) ଶୁଭ କର୍ମପଥେ ହୁଅ ଅଗ୍ରସର
ଚକ୍ଷୁ ମଳିବାକୁ ନାହିଁ ଅବସର ।

## ୯. ଦୀର୍ଘ ଉତ୍ତରମୂଳକ :-

(କ) ଜୀବନକୁ ସଫଳ କରିବାପାଇଁ କବି ଦେଶବାସୀଙ୍କୁ ଦେଇଥିବା ପରାମର୍ଶଗୁଡ଼ିକୁ ବର୍ଣ୍ଣନା କର ।

(ଖ) ପ୍ରଗତି ହାସଲ କରିବାପାଇଁ ଦେଶମାସୀଙ୍କୁ କବି ଯେଉଁ ସନ୍ଦେଶ ଓ ପରାମର୍ଶ ଦେଇଛନ୍ତି ଆଲୋଚନା କର ।

(ଗ) ମାତୃଭାଷାର ଉନ୍ନତି ନ ହେଲେ କି କି ଅସୁବିଧା ଦେବ, ଉଦାହରଣ ସହ ବୁଝାଅ ।

(ଘ) ଏହି କବିତାର ନାମ 'ଉଦ୍‌ବୋଧନ' ରଖାଯିବାର ଯଥାର୍ଥତା ଆଲୋଚନା କର ।

(ଙ) ବିଦ୍ୟାଳୟରେ ଅନ୍ୟାନ୍ୟ ବିଷୟ ପଢ଼ିବା, ବୁଝିବା ଓ ଉତର ଲେଖିବା କ୍ଷେତ୍ରରେ ଓଡ଼ିଆ ଭାଷାଜ୍ଞାନ ତୁମକୁ କିପରି ସାହାଯ୍ୟ କରୁଛି ଲେଖ ।

(ଚ) ତୁମକୁ କେଉଁ କେଉଁ କାର୍ଯ୍ୟ ମାତୁଭାଷାର ଉନ୍ନତି ଦିଗରେ ସହାୟକ ହେବ ସେ ସଂପର୍କରେ ସହପାଠୀମାନଙ୍କ ସହ ଆଲୋଚନା କରି ଓ ଶିକ୍ଷକମାନଙ୍କ ପରାମର୍ଶ ନେଇ ଏକ କାର୍ଯ୍ୟଯୋଜନା ଫର୍ଦ୍ଦ ପ୍ରସ୍ତୁତ କର ।

## ୧୦. ନିର୍ଦ୍ଦିଷ୍ଟ ଉତ୍ତରମୂଳକ:-

(କ) ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।

ମଉନ, ନିଉନ, ଦମି, ଦୁଆର, ଜନମି

(ଖ) ଶ୍ରୁତିମଧୁରତା ଉଦ୍ଦେଶ୍ୟରେ ନିମ୍ନଲିଖିତ ଶବ୍ଦକୁଡ଼ିକୁ ପଦ୍ୟରେ ବ୍ୟବହାର କରିବାକୁ ହେଲେ କିପରି ଲେଖିବା ?

ପ୍ରକାଶ, କୌଶଳ, ଦୁର୍ବଳ, ମୂର୍ଚ୍ଛନା, ଶୈଶବ, ପର୍ବତ

(ଗ) ବୃକ୍ଷରୁ ଯାହା ଖସି ପଡ଼ିଥାଏ ତାକୁ କୁହାଯାଏ 'ବୃକ୍ଷଚ୍ୟୁତ'। ସେହିପରି ଶେଷରେ 'ଚ୍ୟୁତ' ଥିବା ଆଉ ଚାରୋଟି ଶବ୍ଦ ଲେଖ ଏବଂ ପ୍ରତ୍ୟେକକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଗଠନ କର ।

(ଘ) ତଳେ ପ୍ରତ୍ୟେକ ଧାଡ଼ିରେ ଚାରୋଟି ଲେଖାଏଁ ଶବ୍ଦ ଲେଖାଯାଇଛି । ପ୍ରତି ଧାଡ଼ିରେ ଥିବା ଭିନ୍ନ ଜାତୀୟ ଶବ୍ଦଟିକୁ ଚିହ୍ନଟ କରି ଲେଖ ।

(କ) ଭଜନ, ଭୋଜନ, ପୂଜନ, ରାଜନ

(ଖ) ଟାଣପଣ, ରାଜପଣ, ଷୋଳପଣ, ବଡ଼ପଣ

ODM EDUCATIONAL GROUP Changing your Tomorrow

(ଗ) ହିନ୍ଦୀଭାଷୀ, ଉଚ୍ଚଭାଷୀ, ସ୍ୱଷ୍ଟଭାଷୀ, ମିଷ୍ଟଭାଷୀ

(ଙ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର ।

(କ) ________ ସିଂହ ମୁଖେ ନ ପଶେ

ଶ୍ରମେ ପିପୀଲିକା ________ ଭଣ୍ଡାର

(କ୍ଷିପ୍ତ, ସୁପ୍ତ, ଫେରାଏ, ଘୁରାଏ, ପୂରାଏ, ଆହାର, ବିହାର, ତାହାର)

(ଖ) ଯା ଭାଷା ________ ସେ ________ ଅଧମ,

କାହିଁ ହେବ ________ ପ୍ରତିଯୋଗେ ________ ?

(ସବଳା, ନିଶ୍ଚଳା, ଦୁର୍ବଳା, ପରା, ନିଶ୍ଚେ, ସତେ, ଆନେ, ମନେ, ଦିନେ, କ୍ଷମ, ସମ, ବାମ)

(ଚ) 'କାହିଁ ତା'ର ରାଜଦୁଆରେ ସମ୍ମାନ ?' – ଏଠାରେ 'ରାଜଦୁଆର' ଶବ୍ଦର ଠିକ୍ ଉତରକୁ ପ୍ରଦତ ଉତରମାନଙ୍କ ମଧ୍ୟରୁ ବାଛ ।

(କ) ରାଜା ରହୁଥିବା ଘରର ଦ୍ୱାର

(ଖ) ଯେଉଁ ଦ୍ୱାରବାଟେ ରାଜା ଯିବାଆସିବା କରନ୍ତି ।

(ଗ) ରାଜା ବସାଉଥିବା ଦରବାର ।

(ଘ) ଅନ୍ୟମାନଙ୍କୁ ରାଜା ଦେଖାଦେବା ସ୍ଥାନ

(ଛ) 'ମାତୃଭାଷା ପୋଥି ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?'

ଏହା କହିବା ମୂଳରେ କବିଙ୍କର ଉଦ୍ଦେଶ୍ୟଟି କ'ଣ ? ପ୍ରଦତ ଉତରଗୁଡ଼ିକ ମଧ୍ୟରୁ ଠିକ୍ ଉତରଟି ବାଛ ।

(କ) ପ୍ରଶଂସା କରିବା (ଖ) ନିନ୍ଦା କରିବା

(ଗ) ପରିହାସ କରିବା (ଘ) ଖୋସାମତ କରିବା

(ଜ) 'ଆହାରବିହାର', 'ମାନଅପମାନ', ଗୋଟିଏ ଗୋଟିଏ ଯୁଗ୍ମଶବ୍ଦ । ତୁମେ ଆଉ ପାଚୋଟି ଯୁଗ୍ମଶବ୍ଦ ଲେଖ ।

****

ODM EDUCATIONAL GROUP Changing your Tomorrow